# ସର୍ବସାଧାରଣଙ୍କ ନିମନ୍ତେ ବିଜ୍ଞପ୍ତି

ଆସନ୍ତା ତା. ୧୫.୦୨.୨୦୨୬ ରିଖ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ମହାଶିବରାତ୍ରି ଉତ୍ସବ ଉପଲକ୍ଷେ, ଯାନବାହନ ଚଳାଚଳ ତଥା ପଥଚାରୀଙ୍କ ସୁବିଧା ନିମନ୍ତେ ଉକ୍ତ ଲିଖିତ ଦିନ ଓଡିଶା ଅର୍ବାନ୍ ପୁଲିସ ଆକ୍ଟ ୨୦୦୩ ଧାରା ୨୮ ଏବଂ ପୁଲିସ କମିଶନରେଟ୍ ଭୁବନେଶ୍ୱର କଟକ ଟ୍ରାଫିକ୍ ଓ ପବ୍ଲିକ୍ ଅର୍ଡର ୨୧, ୩୬, ୩୭ ଅନୁସାରେ, ନିମ୍ନଲିଖିତ କଟକଣା ଗୁଡ଼ିକ ଆସନ୍ତା ତା ୧୪.୦୨.୨୦୨୬ ରିଖ ମଧରାତ୍ରି ଠାରୁ ମହାଶିବରାତ୍ରି ଉତ୍ସବ ସରିବା ପର୍ଯ୍ୟନ୍ତ ବଳବତ୍ତର ରହିବ ।

**<u>ଯାନବାହନ ପରିଚାଳନା/ପ୍ରତିବନ୍ଧକ</u>**

୧. **ରଥ ରୋଡ୍ ଏବଂ ପୁନାମା ଗେଟ୍ ପଟୁ**
ରଥ ରୋଡ୍ ଏବଂ ପୁନାମା ଗେଟ୍ ପଟୁ ଲିଙ୍ଗରାଜ ମନ୍ଦିର ଆଡ଼କୁ ଆସୁଥିବା ସମସ୍ତ ଦୁଇ ଓ ଚାରିଚକିଆ ଯାନବାହାନ ଗୁଡ଼ିକ ବଢେଇବାଙ୍କ ଠାରୁ ଆଗକୁ ନଯାଇ ବି.ଏମ୍. ହାଇସ୍କୁଲ ପଡ଼ିଆରେ ଗାଡ଼ି ପାର୍କିଂ କରିପାରିବେ। ସେହି ସମୟରେ ରଥ ରୋଡ୍ ଦେଇ କୌଣସି ପ୍ରକାରର ଭାରୀ ଯାନ ଚଳାଚଳ କରି ପାରିବେ ନାହିଁ ।

୨. **କେଦାର ଗୌରି ମନ୍ଦିର ପଟୁ ଓ ସାନିଟାରୀୟମ୍ ଛକ ପଟୁ**
କେଦାର ଗୌରି ମନ୍ଦିର ପଟୁ ଓ ସାନିଟାରୀୟମ୍ ଛକ ପଟୁ ଲିଙ୍ଗରାଜ ମନ୍ଦିର ଆଡ଼କୁ ଆସୁଥିବା ଦୁଇ ଚକିଆ ଯାନ ଗୁଡ଼ିକ କୋଟି ତୀର୍ଥ ଗଳି ଦେଇ କାଚେରା ପିଣ୍ଡି ରାସ୍ତାରେ ଯାଇ ତରଙ୍ଗ କ୍ଲବ ପଛପଟେ ଥିବା ଖାଲି ସ୍ଥାନରେ ଗାଡ଼ି ରଖିପାରିବେ । ଏଥି ନିମନ୍ତେ କୋଟି ତୀର୍ଥ ଗଳି ଠାରୁ ସିଦ୍ଧି ମଣ୍ଡପ ଗଳି ପର୍ଯ୍ୟନ୍ତ ରାସ୍ତା କୁ ଯାନବାହନ ଚଳାଚଳ ନିମନ୍ତେ ୱାନ୍-ୱେ କରାଗଲା ।

୩. **ସାମନ୍ତରାପୁର ଛକ ପଟୁ**
ସାମନ୍ତରାପୁର ଛକ ପଟୁ ଆସୁଥିବା ଯାନବାହାନ ଗୁଡ଼ିକ ଶ୍ରୀରାମ ନଗର ଓ ସବ୍-ଷ୍ଟେସନ ଛକ ଦେଇ ଅନନ୍ତ ବାସୁଦେବ ମନ୍ଦିର ଉତ୍ତର ପାର୍ଶ୍ୱରେ ଏବଂ ତରଙ୍ଗ କ୍ଲବ ପଛପଟେ ଥିବା ଖାଲି ସ୍ଥାନରେ ଗାଡ଼ି ରଖିପାରିବେ ।

୪. **କେଉଟ ସାହି ପଟୁ**
କେଉଟ ସାହି ପଟୁ ଲିଙ୍ଗରାଜ ମନ୍ଦିର ଆଡ଼କୁ ଆସୁଥିବା ସମସ୍ତ ଯାନବାହାନ ଗୁଡ଼ିକ ସବ୍-ଷ୍ଟେସନ୍ ଛକ ଦେଇ ବି.ଏମ୍.ସି. ନିଉ ମାର୍କେଟ୍ କମ୍ପ୍ଲେକ୍ସ ପାର୍କିଂ/ଅନନ୍ତ ବାସୁଦେବ ମନ୍ଦିର ପାର୍କିଂ ରେ ଗାଡ଼ି ରଖି ପାରିବେ ।

୫. **ତାରା ସୁନ୍ଦରୀ ରାସ୍ତା**
ତାରା ସୁନ୍ଦରୀ ରାସ୍ତାରେ ଲିଙ୍ଗରାଜ ମନ୍ଦିର ଆଡ଼କୁ ଆସୁଥିବା ସମସ୍ତ ଗାଡ଼ି ଗୁଡ଼ିକ ବଢେଇ ବାଙ୍କ ଛକ ଆଡ଼କୁ ଯିବାକୁ ଦିଆଯିବନାହିଁ, ସେମାନେ ମୁନିସପାଲଟି ହସ୍ପିଟାଲ୍ କିମ୍ବା ବି.ଏମ୍. ହାଇସ୍କୁଲ ପଡ଼ିଆରେ ଗାଡ଼ି ପାର୍କିଂ କରିପାରିବେ ।

୬. **ରାମକୃଷ୍ଣ ମଠ ଦେଇ ମାଉସୀ ମା ଛକ ପଟୁ/କଳ୍ପନା ଛକ ପଟୁ**
ରାମକୃଷ୍ଣ ମଠ ଦେଇ ମାଉସୀ ମା ଛକ ପଟୁ/କଳ୍ପନା ଛକ ପଟୁ ଆସୁଥିବା ସମସ୍ତ ବସ/ଭାରୀ ଯାନ/କାର ଗୁଡ଼ିକ ସାନିଟାରୀୟମ୍ ଛକ ପର୍ଯ୍ୟନ୍ତ ଯିବାକୁ ଦିଆଯିବ ଏବଂ ସେମାନେ ସାନିଟାରୀୟମ୍ ଛକ ପାଖରେ ଥିବା ନୂଆ ବସ ଷ୍ଟାଣ୍ଡ ରେ ପାର୍କିଂ କରିପାରିବେ ।

୭. **ରଥ ରୋଡ୍ ପଟୁ**
ବି.ଏମ୍. ହାଇସ୍କୁଲ୍ ପଡ଼ିଆରେ ପାର୍କିଂ କୁ ଅନୁଧ୍ୟାନ କରି ଦରକାର ପଡିଲେ ଗୋସାଗରେଶ୍ୱର ଛକ ଠାରୁ ଆଗକୁ ଯିବାକୁ ଦିଆଯିବ ନାହିଁ ସେମାନେ ନୂତନ ଭାବରେ ନିର୍ମିତ ହୋଇଥିବା ବି.ଏମ୍.ସି ପାର୍କିଂ ରେ ଯାନବାହନ ରଖି ପାରିବେ ।

୮. **ଆମନ୍ତ୍ରିତ ଅତିଥି/ କାର୍ଯ୍ୟରେ ଥିବା ସରକାରୀ କର୍ମଚାରୀ**

ଆମନ୍ତ୍ରିତ ଅତିଥି/କାର୍ଯ୍ୟରେ ଥିବା ସରକାରୀ କର୍ମଚାରୀଙ୍କ ଯାନବାହନ ରଥ ରୋଡ୍ ରେ ଆସି ବଢେଇ ବାଙ୍କ ଛକ ଠାରୁ ମୁନିସପାଲଟି ହସ୍ପିଟାଲ୍ ରାସ୍ତା ଦେଇ ନିର୍ଦ୍ଧାରିତ ହୋଇଥିବା ପାର୍କିଂ ସ୍ଥାନକୁ ଯାଇପାରିବେ ।

୯. **ଏକକ ପାର୍ଶ୍ୱ ଗାଡ଼ି ଚାଳନା ନିମନ୍ତେ**

ମହାଶିବରାତ୍ରୀ ସମୟରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଏବଂ ସୁନିୟନ୍ତ୍ରିତ ଟ୍ରାଫିକ୍ ପରିଚାଳନା ନିମନ୍ତେ ଶିଶୁ ଭବନ - ମାଉସୀ ମା ଓଭର ବ୍ରିଜ୍ କୁ ଅସ୍ଥାୟୀ ଭାବରେ ଏକକ ପାର୍ଶ୍ୱ ଗାଡ଼ି ଚାଳନା ନିମନ୍ତେ ଘୋଷଣା କରାଗଲା । ଉପରଲିଖିତ ଦିନ ଗୁଡ଼ିକରେ ଶିଶୁ ଭବନ ଛକ ପଟୁ ଆସୁଥିବା ଯାନବାହନ ଗୁଡ଼ିକ ମାଉସୀ ମା ଛକ ଆଡ଼କୁ ଯାଇପାରିବେ । କିନ୍ତୁ ମାଉସୀ ମା ଛକ ପଟୁ ଶିଶୁ ଭବନ ଛକ ଆଡ଼କୁ ଯିବାକୁ ଦିଆଯିବ ନାହିଁ ।

**୧୦.ପାର୍କିଂ ନିମନ୍ତେ ନିର୍ଦ୍ଧାରିତ ହୋଇଥିବା ସ୍ଥାନ:-**

| କ୍ରମିକ ସଂଖ୍ୟା | ପାର୍କିଂ ସ୍ଥଳ | ଯାନବାହାନ |
|---|---|---|
| ପାର୍କିଂ ନମ୍ବର-୧ | ବି.ଏମ୍.ସି. ନିଉ ମାର୍କେଟ୍ କମ୍ପ୍ଲେକ୍ସ | ଚାରି ଚକିଆ ପାର୍କିଂ |
| ପାର୍କିଂ ନମ୍ବର-୨ | ବି.ଏମ୍.ସି. ନିଉ ମାର୍କେଟ୍ କମ୍ପ୍ଲେକ୍ସର ଉତ୍ତର ପାର୍ଶ୍ୱ | କାର ପାର୍କିଂ/ ଚାରି ଚକିଆ ପାର୍କିଂ |
| ପାର୍କିଂ ନମ୍ବର-୩ | ସାନିଟାରୀୟମ୍ ଛକ ପାଖରେ ଥିବା ନୂଆ ବସ ଷ୍ଟାଣ୍ଡ | ବସ / କାର ପାର୍କିଂ |
| ପାର୍କିଂ ନମ୍ବର-୪ | କୋଟିତୀର୍ଥ ଲେନ ଠାରୁ କଚେରୀ ପିଣ୍ଡି ଛକ (ତରଙ୍ଗ କ୍ଲବ ପଛ ପାର୍ଶ୍ୱ) | ଦୁଇ ଚକିଆ ପାର୍କିଂ |
| ପାର୍କିଂ ନମ୍ବର-୫ | ବି.ଏମ୍.ସି. ହସ୍ପିଟାଲର ଉତ୍ତର ପାର୍ଶ୍ୱ ଏବଂ ପାପନାଶିନୀ ପୋଖରୀ ପାଖରେ | ସରକାରୀ ଯାନବାହନ ପାର୍କିଂ |
| ପାର୍କିଂ ନମ୍ବର-୬ | ବି.ଏମ୍. ହାଇସ୍କୁଲ ଉତ୍ତର ପାର୍ଶ୍ୱ | ସରକାରୀ ଯାନବାହନ ପାର୍କିଂ |
| ପାର୍କିଂ ନମ୍ବର-୭ | ଲିଙ୍ଗରାଜ ମନ୍ଦିରର ଦକ୍ଷିଣ ଗେଟର ସାମ୍ନା ପଟ | ଭି. ଆଇ.ପି. ପାର୍କିଂ |
| ପାର୍କିଂ ନମ୍ବର-୮ | ବି.ଏମ୍. ହାଇସ୍କୁଲ ପଡିଆ | ଦକ୍ଷିଣ ପାର୍ଶ୍ୱ - ଚାରି ଚକିଆ ପାର୍କିଂ<br>ଉତ୍ତର ପାର୍ଶ୍ୱ - ଦୁଇ ଚକିଆ ପାର୍କିଂ |
| ପାର୍କିଂ ନମ୍ବର-୯ | ଲିଙ୍ଗରାଜ ହାଟର ସାମ୍ନା ପାର୍ଶ୍ୱ | ଓ.ବି. ଭ୍ୟାନ ପାର୍କିଂ |
| ପାର୍କିଂ ନମ୍ବର-୧୦ | ଲିଙ୍ଗରାଜ ହାଟର ପଶ୍ଚିମ ପାର୍ଶ୍ୱ | ଦୁଇ ଓ ଚାରି ଚକିଆ ଯାନ (ମିଡିଆ) ପାର୍କିଂ |
| ପାର୍କିଂ ନମ୍ବର-୧୧ | ଲିଙ୍ଗରାଜ ହାଟର ଦକ୍ଷିଣ ପାର୍ଶ୍ୱ | ଡ୍ୟୁଟି ନିମନ୍ତେ ନିୟୋଜିତ ସରକାରୀ ଯାନ ପାର୍କିଂ |
| ପାର୍କିଂ ନମ୍ବର-୧୨ | ଲିଙ୍ଗରାଜ ମନ୍ଦିରର ଦକ୍ଷିଣ ପୂର୍ବ କୋଣରେ | କେବଳ ସେବାୟତ ଓ କଳାକାରଙ୍କ ନିମନ୍ତେ ପାର୍କିଂ |

**ଟ୍ରାଫିକ୍ ସମସ୍ୟାକୁ ଏଡ଼ାଇବା ପାଇଁ ସର୍ବସାଧାରଣ ପରିବହନ ବ୍ୟବହାର କରିବା ନିମନ୍ତେ କମିଶନରେଟ୍ ପୁଲିସ, ଭୁବନେଶ୍ୱର – କଟକ ଶ୍ରଦ୍ଧାଳୁ ମାନଙ୍କୁ ଅନୁରୋଧ କରୁଛି ।**

ଏସ୍ଂ ଦେବଦତ୍ତ ସିଂହ
13/2/25

**ଆରକ୍ଷୀ ଆୟୁକ୍ତ**
**ଭୁବନେଶ୍ୱର-କଟକ**
**ଭୁବନେଶ୍ୱର ।**